# ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀ, ସୁବର୍ଣ୍ଣପୁର ।

## ବିଜ୍ଞାପନ

ଏତଦ୍ୱାରା **ସର୍ବସାଧାରଣଙ୍କ ଅବଗତି** ନିମନ୍ତେ **ଜଣାଇ ଦିଆଯାଉଅଛି** ଯେ, ଜିଲ୍ଲା ପ୍ରାଣୀଚିକିତ୍ସା ଅଧିକାରୀ, **ସୁବର୍ଣ୍ଣପୁରଙ୍କ** ଅଧିନରେ ୦୯ **(ନଅ)** ଗୋଟି ଆଟେଣ୍ଡାଣ୍ଟ (ପରିଚାରକ)ପଦବୀ ଚୁକ୍ତି**ଭିତ୍ତିକ** ପଦ୍ଧତିରେ ପୂରଣ କରିବା **ପାଇଁ ରାଜ୍ୟ ସରକାର** ନିଷ୍ପତ୍ତି ଗ୍ରହଣ କରିଛନ୍ତି । ତଦନୁଯାୟୀ, **ଜିଲ୍ଲାସ୍ତରୀୟ** ଜାତିଗତ ସଂରକ୍ଷଣ ଭିତ୍ତିକ ପଦବୀ ପୂରଣ ପାଇଁ ତାଲିକା ନିମ୍ନରେ ପ୍ରଦାନ କରାଗଲା।

| କ୍ର.ସଂ | ବର୍ଗ | ମୋଟ ପଦବୀ |
|---|---|---|
| ୧ | SC | ୦୨ |
| ୨ | ST | ୦୩(ମହିଳା-୧) |
| ୩ | Unreserved | ୦୪(ମହିଳା-୧) |
| | ମୋଟ | ୦୯(ମହିଳା-୨) |

ବି:ଦ୍ର: ଭିନ୍ନକ୍ଷମ (**PWD**) ପ୍ରାର୍ଥୀ/ପ୍ରାର୍ଥିନୀ ଙ୍କ ପାଇଁ ମୋଟ ମଞ୍ଜୁରୀ ପଦବୀ ର ୪% (ପ୍ରତିଶତ) ସଂରକ୍ଷଣ ବ୍ୟବସ୍ଥା କରାଯାଇଛି ।

ଇଚ୍ଛୁକ ଏବଂ ଯୋଗ୍ୟ ପ୍ରାର୍ଥୀ/ପ୍ରାର୍ଥିନୀ, ସଂପୃକ୍ତ ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀଙ୍କୁ (**Chief District Veterinary Officer** )ନିର୍ଦ୍ଧାରିତ ଦରଖାସ୍ତ ଫର୍ମରେ ଓ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଆବେଦନ କରିବେ । **ଚୁକ୍ତିଭିତ୍ତିକ ନିଯୁକ୍ତି** ସମ୍ବନ୍ଧରେ ଆବଶ୍ୟକୀୟ ସର୍ତ୍ତାବଳୀ ନିମ୍ନରେ ପ୍ରଦାନ କରାଗଲା ।

*ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା-*

୧ . ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନରୁ **ମଧ୍ୟ ଇଂରାଜୀ** ପରୀକ୍ଷା **କିମ୍ବା ତତୁଲ୍ୟ ଶିକ୍ଷାଗତ** ଯୋଗ୍ୟତା ପାଠ୍ୟକ୍ରମରେ ଉତ୍ତୀର୍ଣ୍ଣ ହୋଇଥିବା **ଆବଶ୍ୟକ** ।

୨ . ଏହା ସହିତ (**NPCBB** ) ଯୋଜନା ମାଧ୍ୟମରେ **କୃତ୍ରିମ ପ୍ରଜନନ ପ୍ରୟୋଗ** କାର୍ଯ୍ୟ କ୍ଷେତ୍ରରେ କ୍ରମାଗତ ତିନି **ବର୍ଷ ସନ୍ତୋଷଜନକ** କାର୍ଯ୍ୟ କୁଶଳତାର ଅନୁଭୂତି **ଥିବା** ଗୋମିତ୍ର ପ୍ରାର୍ଥୀ/ପ୍ରାର୍ଥିନୀ ମାନଙ୍କ **ଦ୍ୱାରା ପୂରଣ କରାଯିବ** ।

୩. ପ୍ରାର୍ଥୀ/ପ୍ରାର୍ଥିନୀ ଓଡିଆ ଭାଷାରେ ପଢିବା ଓ ଲେଖିବାରେ ସମର୍ଥ ଥିବେ ।

୪ . ପ୍ରାର୍ଥୀ/ପ୍ରାର୍ଥିନୀ ଉତ୍ତମ ଚରିତ୍ରର ହୋଇଥିବେ ।

ବୟସ ସୀମା:- ସାଧାରଣ **ପ୍ରାର୍ଥୀ/ପ୍ରାର୍ଥିନୀ ଙ୍କ ବୟସ ସୀମା ୧୮ ବର୍ଷରୁ** ୩୨ ବର୍ଷ (୦୧.୦୧.୨୦୧୮ ସୁଦ୍ଧା) ହୋଇଥିବା ଆବଶ୍ୟକ । ତଫସିଲଭୁକ୍ତ ଜାତି/ତଫସିଲଭୁକ୍ତ ଜନଜାତି ପ୍ରାର୍ଥୀ/ପ୍ରାର୍ଥିନୀଙ୍କ କ୍ଷେତ୍ରରେ **ସର୍ବୋଚ୍ଚ ବୟସ** ସୀମା ଅଧିକ ୫ (ବର୍ଷ) କୋହଳ କରାଯିବ । ଗୋମିତ୍ର ପ୍ରାର୍ଥୀ/ପ୍ରାର୍ଥିନୀ **ଙ୍କ କ୍ଷେତ୍ରରେ ବୟସ** ୦୧.୦୧.୨୦୧୮ ସୁଦ୍ଧା ୪୫ ବର୍ଷରୁ ଅଧିକ ହୋଇନଥିବ ।

ଶାରୀରିକ ଦକ୍ଷତା-

୧) ପ୍ରାର୍ଥୀ/ପ୍ରାର୍ଥିନୀଙ୍କର କ୍ଷେତ୍ରରେ ସେମାନେ ଉତ୍ତମ ସ୍ୱାସ୍ଥ୍ୟ (**Sound Health, Good Physique** ) ଚଳ, ଚଞ୍ଚଳ ଅଭ୍ୟାସ (**Active Habits** ), ସର୍ବନିମ୍ନ ଉଚ୍ଚତା ୫ (ପାଂଚ )ଫୁଟ ସଙ୍ଗେ ସଙ୍ଗେ ସେମାନଙ୍କର କୌଣସି ଶାରୀରିକ ତ୍ରୁଟି (**Physical Defect**) କିମ୍ବା ମାନସିକ ଅକ୍ଷମତା (**Mental Infirmity**) ନ ଥିବା ଆବଶ୍ୟକ ଏବଂ କେବଳ ପୁରୁଷ ପ୍ରାର୍ଥୀ ମାନଙ୍କ **କ୍ଷେତ୍ରରେ ସର୍ବନିମ୍ନ** ଛାତି **ଅଣସଂପ୍ରସାରିତ** ୩୦ (ତିରିଶ) ଇଂଚ ରହିବା ଆବଶ୍ୟକ ।

୨ . ପ୍ରାର୍ଥୀ /ପ୍ରାର୍ଥିନୀ ମଧ୍ୟ **ଭଲଭାବରେ ସାଇକେଲ** ଚଲାଇବା **ଜାଣିଥିବେ** ।

ସାଧାରଣ ଯୋଗ୍ୟତା-

୧ . ପ୍ରାର୍ଥୀ/ପ୍ରାର୍ଥିନୀ ଭାରତର **ନାଗରିକ** ହୋଇଥିବେ ।

୨ . ବିବାହିତ ପ୍ରାର୍ଥୀ/**ପ୍ରାର୍ଥିନୀଙ୍କର ଗୋଟିଏ** ସ୍ତ୍ରୀ /ସ୍ୱାମୀ ରୁ **ଅଧିକ ନ ଥିବେ** ।

୩. ଓଡିଶା ସରକାରଙ୍କ **ସ୍ଥାନ ସଂରକ୍ଷଣ ନୀତିକୁ** ଅନୁସରଣ **କରାଯିବାପ୍ରାର୍ଥୀ/ପ୍ରାର୍ଥିନୀ** ସେମାନଙ୍କର ନାମ ଆବେଦନ **କରୁଥିବା ଜିଲ୍ଲାର କର୍ମନିଯୋଜନ** ସଂସ୍ଥାରେ **ପଞ୍ଜୀକୃତ କରିଥିବେ ଓ ସେହି ଜିଲ୍ଲାର ସ୍ଥାୟୀ** ବାସିନ୍ଦା **ହୋଇଥିବେ** ।

ଚୟନ ପ୍ରକ୍ରିୟା-

**ଜିଲ୍ଲା** ଚୟନ କମିଟି ଦ୍ୱାରା **ନିମ୍ନଲିଖିତ ଉପାୟରେ** ଆଟେଣ୍ଡାଣ୍ଟ **ପଦ ପାଇଁ ସିଧା** ସଳଖ ଚୟନ କରାଯିବ ।

୧. (**NPCBB**) ଯୋଜନା ମାଧ୍ୟମରେ କୃତ୍ରିମ ପ୍ରଜନନ **ପ୍ରୟୋଗ କାର୍ଯ୍ୟ** କ୍ଷେତ୍ରରେ କ୍ରମାଗତ ତିନି ବର୍ଷ ସନ୍ତୋଷଜନକ **କାର୍ଯ୍ୟ** କୁଶଳତାର ଅନୁଭୂତି ଥିବା ଗୋମିତ୍ର ପ୍ରାର୍ଥୀ/ପ୍ରାର୍ଥିନୀ ମାନଙ୍କୁ **ପ୍ରତିବର୍ଷ** ୧୦ ମାର୍କ **ହିସାବରେ** ୩୦ ମାର୍କ ଦିଆଯିବ । **ଏହା ବ୍ୟତୀତ** ତିନିବର୍ଷରୁ ଉର୍ଦ୍ଧ ପ୍ରତ୍ୟେକ ବର୍ଷ **ସନ୍ତୋଷ ଜନକ କାର୍ଯ୍ୟ** ଉପରେ ୫ ମାର୍କ ଲେଖାଏଁ ସର୍ବୋଚ୍ଚ ୫୦ ମାର୍କ ଦିଆଯିବ ।

୨ . ଅବଶିଷ୍ଟ ୫୦ ମାର୍କର **ଲିଖିତ ପରୀକ୍ଷା ଦ୍ୱାରା** ପ୍ରାର୍ଥୀ/**ପ୍ରାର୍ଥିନୀଙ୍କ ଓଡିଆ ଭାଷାରେ** ପଢିବା ଓ ଲେଖିବାରେ ସାମର୍ଥ୍ୟ **ପରୀକ୍ଷା କରାଯିବ** ।

୩. ଯଦି ଉପରୋକ୍ତ **ପଦବୀ ନିମନ୍ତେ କୌଣସି** ଗୋଟିଏ **ବର୍ଗର ଉପଯୁକ୍ତ ପ୍ରାର୍ଥୀ/ପ୍ରାର୍ଥିନୀ** ନମିଳନ୍ତି, ତା ହେଲେ **ସେହି ପଦବୀ ଉକ୍ତ ବର୍ଗର** ପ୍ରାର୍ଥିନୀ/ପ୍ରାର୍ଥୀ ମାନଙ୍କ **ଦ୍ୱାରା ପୂରଣ କରାଯିବା ପାଇଁ କମିଟିର ସର୍ବସମ୍ମତିକ୍ରମେ ନିଷ୍ପତି** ନିଆଯିବ ।

ନିମ୍ନ **ନିର୍ଦ୍ଧାରିତ** ଫର୍ମ **ଅନୁଯାୟୀ ଆବେଦନ ପତ୍ର** ଏବଂ ଆବଶ୍ୟକୀୟ ପ୍ରମାଣ ପତ୍ରର **ଅବିକଳ ନକଲ** (**Copy** ) ସହ ସଂପୃକ୍ତ **ଜିଲ୍ଲା ମୁଖ୍ୟ** ପ୍ରାଣୀଚିକିତ୍ସା ଅଧିକାରୀଙ୍କ ( **Chief District Veterinary Officer**) କାର୍ଯ୍ୟାଳୟରେ ଡାକ ଦ୍ୱାରା ( Reg.post/speed post) ଦାଖଲ କରିପାରିବେ । ଦରଖାସ୍ତ ପଠାଇବା ଲଫାପା ଉପରେ **ଆଟେଣ୍ଡାଣ୍ଟ** (ପରିଚାରକ )ପଦ **ପାଇଁ ଦରଖାସ୍ତ ଉଲ୍ଲେଖ** କରିବା ଆବଶ୍ୟକ ।

ପ୍ରକାଶ ଥାଉକି, **ଯେକୌଣସି** ସମୟରେ **କୌଣସି କାରଣ ନ ଦର୍ଶାଇ** ଏହି ବିଜ୍ଞାପନକୁ ବାତିଲ କରିବାର **ଅଧିକାର ନିମ୍ନ ସ୍ୱାକ୍ଷରକାରୀଙ୍କର** ସଂରକ୍ଷିତ **ରହିଅଛି** ।

<u>ଦରଖାସ୍ତ ଫର୍ମ</u>

(ଦରଖାସ୍ତ କେବଳ ଆବେଦନକାରୀଙ୍କ ଦ୍ୱାରା ପୂରଣ ହେବ)

ଫଟୋ

୧. ପ୍ରାର୍ଥୀ/ପ୍ରାର୍ଥିନୀ ଙ୍କ ନାମ-

୨. ପିତା/ସ୍ୱାମୀଙ୍କ ନାମ-

୩. ସ୍ଥାୟୀ ଠିକଣା-

୪. ଯୋଗା ଯୋଗ ଠିକଣା (ମୋବାଇଲ ନମ୍ବର ସହିତ)-

୫. ଜାତୀୟତା-

୬. ଜନ୍ମ ତାରିଖ-

୭. ଶିକ୍ଷାଗତ ଯୋଗ୍ୟତା-

୮. ଉଚ୍ଚତା- ଛାତି ଅଣସଂପ୍ରସାରିତ-

୯. ଜାତି (SC/ST/GEN)

୧୦. ବିବାହିତ/ଅବିବାହିତ-

୧୧. ପୁରୁଷ/ମହିଳା

୧୨. କର୍ମ ନିଯୋଜନ ସଂସ୍ଥାରେ ପଞ୍ଜିକୃତ କାର୍ଡର କ୍ରମିକ ନଂ ଓ ତାରିଖ-

ମୁଁ ଏତଦ୍ୱାରା ଘୋଷଣା କରୁଅଛି ଯେ, ମୋ ଦ୍ୱାରା ଦିଆଯାଇଥିବା ଉପର ଲିଖିତ ସମସ୍ତ ତଥ୍ୟ ସତ୍ୟ ଓ ନିର୍ଭୁଲ ଅଟେ ।

ତାରିଖ.;- ଆବେଦନକାରୀଙ୍କ ସ୍ୱାକ୍ଷର

ସ୍ଥାନ;-

ଆବେଦନ ପତ୍ର ସହ ଦାଖଲ କରିବାକୁ ଥିବା ପ୍ରମାଣ ପତ୍ର;-

୧. ନିଜ ସହି ମୋହର (Self attested)ହୋଇଥିବା ଦୁଇଗୋଟି ପାସପୋର୍ଟ ସାଇଜ ଫଟୋଗ୍ରାଫ । ତନ୍ମଧ୍ୟରୁ ଗୋଟିଏ ଫଟୋଗ୍ରାଫ ଦରଖାସ୍ତ ଫର୍ମ ଉପରେ ଦିଆଯାଇଥିବା ନିର୍ଦ୍ଦିଷ୍ଟ ସ୍ଥାନରେ ଅଠାଦେଇ ସଂଲଗ୍ନ କରାଯିବା ଆବଶ୍ୟକ । ଅନ୍ୟଟି ଦରଖାସ୍ତ ସହିତ ସଂଯୋଗ କରିବାକୁ ହେବ ।

୨. ଶିକ୍ଷାଗତ ଯୋଗ୍ୟତାର ପ୍ରମାଣ ପତ୍ରର ନିଜ ସହିମୋହର (Self attested)ନକଲ ।

୩. ଶିକ୍ଷାନୁଷ୍ଠାନର ମୁଖ୍ୟଙ୍କ ଠାରୁ ଚରିତ୍ର ପ୍ରମାଣ ପତ୍ରର ନିଜ ସହିମୋହର (Self attested)ନକଲ ।

୪. ସ୍ଥାନୀୟ ତହସିଲଦାରଙ୍କ ଠାରୁ ଉପଯୁକ୍ତ ଜାତି ସ୍ଥାୟୀ ବାସିନ୍ଦାର ପ୍ରମାଣ ପତ୍ରର ନିଜ ସହିମୋହର (Self attested)ନକଲ ।

୫. କର୍ମନିଯୋଜନ ସଂସ୍ଥାରେ ପଞ୍ଜୀକୃତ କାର୍ଡ ର ନିଜ ସହିମୋହର (Self attested)ନକଲ ।

୬. ଜାତିଗତ ପ୍ରମାଣ ପତ୍ରର (SC/ST) ନିଜ ସହିମୋହର (Self attested) ନକଲ ।

୭. ଦୁଇଗୋଟି ଚରିତ୍ର ପ୍ରମାଣ ପତ୍ର ଭିନ୍ନ ଭିନ୍ନ ଗେଜେଟେଡ୍ ଅଫିସରଙ୍କ ଠାରୁ ଯେ କି ପ୍ରାର୍ଥୀ/ପ୍ରାର୍ଥିନୀ ଙ୍କ ସଂପର୍କୀୟ ହୋଇନଥିବେ ।

୮. ଯୋଗ୍ୟତା ଥିବା ଗୋମିତ୍ର ପ୍ରାର୍ଥୀ/ପ୍ରାର୍ଥିନୀ ଙ୍କ ସ୍ଥଳେ ସଂପୃକ୍ତ ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀଙ୍କ ଠାରୁ କୃତ୍ରିମ ପ୍ରଜନନ ପ୍ରୟୋଗ କାର୍ଯ୍ୟ କ୍ଷେତ୍ରରେ ତିନି ବର୍ଷ ର ସନ୍ତୋଷଜନକ କାର୍ଯ୍ୟ କୁଶଳତାର ଅନୁଭୂତି ପ୍ରମାଣ ପତ୍ରର କପି ।

<u>ଆବେଦନ ପତ୍ର ଦାଖଲ କରିବାର ଶେଷ ତାରିଖ ;୦୭.୦୧.୨୦୧୯</u>

ନିର୍ଦ୍ଧାରିତ ଶେଷ ତାରିଖର ଅପରାହ୍ଣ ୫ ଘଟିକା ସମୟ ସୁଦ୍ଧା ଦରଖାସ୍ତ ସଂପୃକ୍ତ କାର୍ଯ୍ୟାଳୟରେ ନପହଂଚିଲେ ତାହା ଗ୍ରହଣ କରାଯିବ ନାହିଁ । ପ୍ରାର୍ଥୀ/ପ୍ରାର୍ଥିନୀ ଡାକ ଦ୍ୱାରା ପଠାଇଥିବା ଦରଖାସ୍ତ ବିଳମ୍ବରେ ପହଂଚିଲେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ । ଅସଂପୂର୍ଣ୍ଣ ଦରଖାସ୍ତ / ଆବଶ୍ୟକୀୟ ପ୍ରମାଣ ପତ୍ର ନ ଥାଇ ଦାଖଲ ହୋଇଥିବା ଦରଖାସ୍ତ ଗୁଡିକ ନାକଚ ହୋଇଯିବ ।

ସ୍ୱାକ୍ଷର/- 31.12.18

ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀ, ସୁବର୍ଣ୍ଣପୁର